# DAV PUBLIC SCHOOLS, BHUBANESWAR
# TERM-II EXAMINATION, 2018-19
## CLASS-III
## SUBJECT: ODIA

**Time : 2 Hours** **Maximum Marks-50**

**ସାଧାରଣ ନିର୍ଦ୍ଦେଶାବଳୀ:**

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।
- ପ୍ରଶ୍ନ ପତ୍ରରେ ୪ ବିଭାଗରେ ୫ଟି ମୁଦ୍ରିତ ପ୍ରଶ୍ନ ଅଛି ।
- ବିଭାଗର ନାମ ଲେଖିବା ସହିତ ବାମ ପାର୍ଶ୍ୱରେ ପ୍ରଶ୍ନଗୁଡିକର କ୍ରମିକ ସଂଖ୍ୟା ଲେଖ ।
- ସମସ୍ତ ଉତ୍ତର ଲେଖିସାରିବା ପରେ ପୁନର୍ବାର ଯାଞ୍ଚ କର ।

### 'କ' ବିଭାଗ

୧. ନିମ୍ନ ଅନୁଚ୍ଛେଦଟି ପଢ଼ି ଉତ୍ତର ଲେଖ । (୧x୫=୫)

ହୋଲି ଦିନ ଆସିଗଲା । ସକାଳ ନ ପାହୁଣୁ ରାମୁ ପକେଟରେ ଫଗୁ ଓ ପିଚ୍‌କାରୀ ଧରି ସାଙ୍ଗମାନଙ୍କ ସହିତ ଖେଳିବାକୁ ବାହାରିଲା । ଏତିକିବେଳେ ସେମାନେ ଦେଖିଲେ ଗୋଟାଏ ପିଲା ଦୂରରେ ଚାଲିଚାଲି ଯାଉଛି । ତା' ଦେହରେ ଟିକିଏ ବି ରଙ୍ଗ ପଡିନାହିଁ । ସମସ୍ତେ ଦୌଡିଲେ ତା' ଦେହରେ ରଙ୍ଗ ପକାଇବା ପାଇଁ । ରଙ୍ଗ ଧରି ଏତେ ପିଲା ଆସୁଥିବାର ଦେଖି ପିଲାଟି ବି ଜୋର୍‌ରେ ଦୌଡିବାକୁ ଲାଗିଲା । ହଠାତ୍ ସେ ପିଲାଟି ଗୋଟିଏ ପଥରକୁ ଝୁଣ୍ଟି ତଳେ ପଡିଗଲା । ପଥରରେ ବାଜି ମୁଣ୍ଡରୁ ଧାର ଧାର ହୋଇ ରକ୍ତ ବୋହିଗଲା । ପିଲାଟିର ଏପରି ଅବସ୍ଥା ଦେଖି ସାଙ୍ଗମାନେ ଯେ ଯୁଆଡେ ଦୌଡି ପଳାଇଲେ । ରାମୁ କ'ଣ କରିବ ବୋଲି ଭାବି ପାରିଲା ନାହିଁ । ଶେଷରେ ସେ ନିଜ କାନ୍ଧରେ ତାକୁ ଭରା ଦେଇ ପାଖ ଡାକ୍ତରଖାନାକୁ ନେଇଗଲା । ଡାକ୍ତରବାବୁ ମୁଣ୍ଡର କ୍ଷତକୁ ସିଲେଇ କରିଦେଲେ । ସେଠାରୁ ଫେରି ଡାକ୍ତରବାବୁ କହିଲେ, ରାମୁ ପିଲାଟିକୁ ଠିକ୍‌ସମୟରେ ଆଣିଥିବାରୁ ସେ ବଞ୍ଚିଗଲା । ଏବେ ଆଉ ବିପଦ ନାହିଁ । ତୁମେମାନେ ଘରକୁ ଯାଇପାର । ଘରକୁ ଫେରି ରାମୁ ମାଆକୁ ସବୁକଥା କହିଲା । ମାଆ କହିଲେ, ତୁ ଭଲ କାମଟିଏ କରିଛୁ । ତୁ ଯେ ସେ ପିଲାଟିର ଜୀବନ ରକ୍ଷାକରିଦେଲୁ ସେଇଟା ଆମ ପାଇଁ ବଡ କଥା । ସେଇଟା ହିଁ ଅସଲ ମଣିଷ ପଣିଆ ।

**ପ୍ରଶ୍ନ:**

୧) ସକାଳ ନ ପାହୁଣୁ ରାମୁ କ'ଣ କଲା ?

୨) ସମସ୍ତେ କ'ଣ ପାଇଁ ଦୌଡିଲେ ?

୩) ମାଆଙ୍କ ପାଇଁ କ'ଣ ବଡ଼ କଥା ଥିଲା ?

୪) ପିଲାଟି କ'ଣ ଝୁଣ୍ଟି ତଳେ ପଡିଗଲା ?

୫) ରାମୁ ପିଲାଟିକୁ କିପରି ଡାକ୍ତରଖାନାକୁ ନେଇଗଲା ?

## 'ଖ' ବିଭାଗ

୨. ଯେକୌଣସି ଗୋଟିଏ ବିଷୟରେ ଦରଖାସ୍ତ କିମ୍ବା ପତ୍ରଲିଖନ ଲେଖ। (୪x୧=୪)

ବିଦ୍ୟାଳୟରେ ଅନୁପସ୍ଥିତ ରହିବା ପାଇଁ ଚାହୁଁଥିବାରୁ ଉପଯୁକ୍ତ କାରଣ ଦର୍ଶାଇ ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ ନିକଟକୁ ଦରଖାସ୍ତ ଲେଖ।

**ଅଥବା**

ତୁମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଦେଖିବା ପାଇଁ ନିମନ୍ତ୍ରଣ ଜଣାଇ ଅଜାଙ୍କ ନିକଟକୁ ପତ୍ର ଲେଖ।

## 'ଗ'ବିଭାଗ

୩. କ) ଯୋଗ କର। ($^{୧}/_{୨}$x୬=୩)

| | |
|---|---|
| ଅକାଳ | ବାଳକ |
| କୋଣାର୍କମନ୍ଦିର | ଓଡ଼ିଆ |
| ପଶ୍ଚିମବଙ୍ଗ | ଉଷାକୋଠି |
| ଓଡ଼ିଶା | ମରୁଡି |
| ହରିଣ | ଲାଙ୍ଗୁଳା ନରସିଂହ ଦେବ |
| ରୋଗିଣା | ବଙ୍ଗଳା |
| | ମରାଠୀ |

ଖ) ପଦ୍ୟାଂଶଗୁଡ଼ିକୁ ସଜାଡି ଲେଖ । (୧x୩=୩)

୧) ରାତି ରହିଲେ ଗୋଟିଏ ନ ଆଉ।

୨) ଦେଶର ଏ କବି ବୀରକିଶୋର।

୩) ସୁନାର ପଞ୍ଜୁରୀ ଏକ ଗଢି ମୋର ଆଣିବେ ବାପା।

ଗ) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ବିପରୀତାର୍ଥବୋଧକ ଶବ୍ଦଟିକୁ ବାଛି ଲେଖ। (୧x୩=୩)

୧) ଦିନ .. .. .. .. . . (ଦିବସ, ରାତି, ଅନ୍ଧାର, ସକାଳ)

୨) ଧନୀ .. .. .. .. .. (ଧନିକ, ଧନ, ନିର୍ଦ୍ଧନ, ନିର୍ଦ୍ଧନୀ)

୩) ସମୟ .. .. .. .. .. (କାଳ, ଅକାଳ, ଅସମୟ, ଅସମାନ)

ଘ) ପ୍ରତିଶବ୍ଦ ଲେଖ। (୧x୩=୩)

୧) ଆସ୍ତେ .. .. .. .. .. (ଧୀର, ଶୀଘ୍ର, ଧୀରେ, ଜୋର୍‌ରେ)

୨) ମାଟି .. .. .. .. .. (ଗୋଡି, ଭୂଇଁ, ପାହାଡ,ପଥର)

୩) ମାନବ .. .. .. .. .. (ରାକ୍ଷସ, ମଣିଷ, ମାନବୀ, ବାନର)

ଙ) ଗଦ୍ୟରୂପ ଲେଖ।    (୧x୩=୩)

ଯତନ, ପରାଣ, ଶରଧା

ଚ) ଯେକୌଣସି ୩ଟି ଯୋଡା ଶବ୍ଦ ଲେଖ।    (୧x୩=୩)

ଛ) ଶବ୍ଦଗୁଡିକର ନୂଆରୂପ ଲେଖ ।    (୧x୨=୨)

ନିନ୍ଦା, ଉଦୟ

## 'ଘ' ବିଭାଗ

୪. କ) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର।    (୧x୨=୨)

୧. କୋଣାର୍କ ମନ୍ଦିରଟି.. .. .. .. ନଦୀ ମୁହାଣରେ ତୋଳା ହେଲା।

(ମହାନଦୀ, ଚନ୍ଦ୍ରଭାଗା, ବ୍ରାହ୍ମଣୀ, ବୈତରଣୀ)

୨. ବିଦ୍ୟାସାଗର ------- ସହର ଦେଇ ଯାଉଥିଲେ ।

(ମୁରଶିଦାବାଦ, ସାଉଥ୍ ପରଗଣା, କରାଚି, ବର୍ଦ୍ଧମାନ)

ଖ) ବାକ୍ୟଗଠନ କର। (ଯେକୌଣସି ୨ଟିର)    (୧x୨=୨)

ମୁହାଣ, କ୍ଷେତବାଡି, ସ୍ୱାର୍ଥପର

ଗ) ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖ।    (୧x୩=୩)

ଦରିଆ, ପରିଛଦ, ଗ୍ରୀବା

ଘ) କବିତା ପୂରଣକର।    (୧/୨x୬=୩)

ପବନ ଭଅଁର ------- ଏକ
 ମିଳିଲେ ଏକାଠି ଦିନେ
ଟିକି ------- ମନକଥା ତା'ର
 କହିଲା ତାଙ୍କରି -------
----------- କେତେ ଆଦରରେ
 ଆଣିଲେ ଏଠାକୁ --------
ସାନଟିରୁ ଆଣି --------- କଲେ
 କେତେ ଯତନରେ ସତେ ।

ଢ) ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଲେଖ। (୨x୪=୮)

୧. ବାଳକଟି ଟଙ୍କାଟିକୁ କିପରି କାମରେ ଲଗାଇଲା ?

୨. ଫୁଲଟି ଜୀଇଁଥିବା ଯାଏ କ'ଣ କରିବାକୁ ଚାହେଁ ?

୩. ବିଦେଶୀମାନଙ୍କୁ ବାଧା ଦେଲେ ସେମାନେ କ'ଣ କରୁଥିଲେ ?

୪. ହିନ୍ଦୀଭାଷାକୁ କାହିଁକି ଭାରତର ରାଷ୍ଟ୍ରଭାଷା କରାଯାଇଛି ?

୫. ସାରସ ପକ୍ଷୀର କଥାକୁ ସମର୍ଥନ କରି ଠେକୁଆ କ'ଣ କହିଲା ?

୬. ବଣି କାହିଁକି ବଣକୁ ମିତ ବୋଲି କହିଛି ?

୫. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ।(୩ କିମ୍ବା ୪ଟି ବାକ୍ୟରେ) (୨x୧=୨)

କ) ଧର୍ମପଦର କୋଣାର୍କ ମନ୍ଦିରର ମୁଣ୍ଡିମାରିବା କାର୍ଯ୍ୟରୁ ତୁମେ କ'ଣ ଶିକ୍ଷା କଲ ?

ଖ) ପଞ୍ଜୁରୀରେ ଥିବା ଶୁଆଟିକୁ ଛାଡିଦେବାକୁ କହି ତୁମେ ତୁମ ସାଙ୍ଗକୁ କି ଶିକ୍ଷା ଦେବ ?

***